## ସଂକ୍ଷେପରେ

### ଅନୁଗୋଳରୁ ୨୫ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୦।୪:** ଅନୁଗୋଳ ଜିଲାରୁ ଶନିବାର ୨୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୨ ହଜାର ୭୨୦ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ସର୍ବାଧିକ ୭ ଜଣ, ବଅଁରପାଳ ବ୍ଲକରୁ ୫, ଅନୁଗୋଳ ପୌରାଞ୍ଚଳରୁ ୪, ତାଳଚେର ପୌରାଞ୍ଚଳରୁ ୪, ତାଳଚେର ବ୍ଲକରୁ ଜଣେ, ଅନୁଗୋଳ ବ୍ଲକରୁ ଜଣେ, କଣିହାଁ ବ୍ଲକରୁ ଜଣେ, ଆଠମଲ୍ଲିକ ବ୍ଲକରୁ ଜଣେ ଓ କିଶୋରନଗର ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୨୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ସୂଚନା ଦିଆଯାଇଛି। ସେହିପରି ଜିଲାବାସୀଙ୍କୁ ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ସହ ଠିକ୍ ଭାବେ ମାସ୍କ ପିନ୍ଧିବାକୁ ଜିଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

### ଚୋରା କୋଇଲା ଜବତ, ୨ ଗିରଫ




**ବଇଣ୍ଡା, ୧୦।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ହିଞ୍ଜିରିଡା ଗ୍ରାମରେ ଶୁକ୍ରବାର ଜିଲା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଓ ହଣ୍ଡପା ପୋଲିସ ଚଢ଼ାଉ କରି ଏକ ଚୋରା କୋଇଲା ବୋଝେଇ ମିନି ଟ୍ରକ୍ ଜବତ କରିଛି। ଏହି ଘଟଣାରେ କିଶୋରନଗର ଥାନା ବଡରୋହିଲା ଗ୍ରାମର ବିଦ୍ର ବାଘ, ବଏଜା ଗ୍ରାମର ପିଣ୍ଟୁ ପ୍ରଧାନଙ୍କୁ ଗିରଫ କରାଯାଇଛି। ପୋଲିସ କହିଛି, ୨ ଜଣ ଏକ ମିନି ଟ୍ରକ (ନଂ.ଓଆର୧୩ଡି-୪୫୫୦) ରେ ୫ ଟନ୍ ଚୋରା କୋଇଲା ବୋଝେଇ କରି ଛେଣ୍ଡିପଦା ଅଞ୍ଚଳରୁ କିଶୋରନଗର ଅଭିମୁଖେ ଆସୁଥିବାବେଳେ ଖବରପାଇ ସ୍ୱତନ୍ତ୍ର ଟିମ୍ ସହ ହଣ୍ଡପା ପୋଲିସ ଚଢ଼ାଉ କରିଥିଲା। ଏ ନେଇ ନଂ. ୯୭/୨୧ରେ ଏକ ମାମଲା ରୁଜୁ ହୋଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଲିଙ୍କ୍ ଦେଇ ଲୁଟିନେଲେ ଟଙ୍କା

**ଅନୁଗୋଳ ଅଫିସ, ୧୦।୪:** ଅନୁଗୋଳରେ ପୁଣି ମାତିଛନ୍ତି ସାଇବର ଠକ। ଲିଙ୍କ୍ ଦେଇ ସହରର ଜଣେ ଲୋକଙ୍କଠାରୁ ୨୩ ହଜାର ୯୯୭ ଟଙ୍କା ଲୁଟି ନେଇଥିବା ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏପରିକି ପୋଲିସରେ ତୁରନ୍ତ ଅଭିଯୋଗ କରିବାରୁ ଉକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟକୁ କିଛି ଟଙ୍କା ଫେରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଅନୁଗୋଳ ସହରର ହାକିମପଡ଼ାରେ ଥିବା ଇରିଗେସନ କଲୋନୀର ନକୁଳ ସାହୁଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ ଫୋନ କଲ୍ ଆସିଥିଲା। ପୁରସ୍କାର ମିଳିବା ପ୍ରଲୋଭନ ଦେଖାଇ ସାଇବର ଠକମାନେ ନକୁଳଙ୍କୁ ଏକ ଲିଙ୍କ୍ ପଠାଇଥିଲେ। ପରେ ତାଙ୍କ ଆକାଉଣ୍ଟରୁ ୫ ଥର ୧୯୯୯, ୧୯୯୯, ୫୦୦୦, ୫୦୦୦ ଓ ୯୯୯୯କୁ ମିଶାଇ ପ୍ରାୟ ୨୪ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ପାରଦ ବଢ଼ାଉଛି ପାଣି ଚିନ୍ତା



ଧଡ଼ରପାଳ ପଞ୍ଚାୟତ କେନ୍ଦୁନାଳୀ ଗ୍ରାମରେ ଶୁଖିଲା ପଡ଼ିଥିବା ପୋଖରୀ।

**ବଇଣ୍ଡା, ୧୦।୪(ପରିକ୍ଷିତ ସାହୁ)**

- ତାତିରେ ଡହଳବିକଳ ଜନଜୀବନ
- ଗ୍ରୀଷ୍ମ ମୁକାବିଲା ପାଇଁ ପଦକ୍ଷେପ ନାହିଁ
- କିଶୋରନଗର ବ୍ଲକରେ ବଢୁଛି ଅସନ୍ତୋଷ

ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ମାସାଧିକ ହେଲା ଜଙ୍ଗଲ ଜଳୁଛି। ଫଳରେ ତାପମାତ୍ରାରେ ନିୟମିତ ବୃଦ୍ଧି ପରିଲକ୍ଷିତ ହେଉଛି। ଦିନକୁ ଦିନ ପାରଦ ଉପରମୁହାଁ ହେଉଥିବାରୁ ବହୁ ଗାଁରେ ପିଇବା ପାଣି ଚିନ୍ତା ବଢ଼ିଯାଇଛି। କିନ୍ତୁ ଗ୍ରୀଷ୍ମ ମୁକାବିଲା ଦିଗରେ ଏ ଯାଏ ଅନୁଗୋଳ ଜିଲା କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ନାହିଁ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଅନୁଗୋଳ ଜିଲାର ତାପମାତ୍ରା କିଛି ଦିନ ହେଲା ୪୦ ଡିଗ୍ରୀ ଉପରେ ରହୁଛି। ଶିଳ୍ପ ବହୁଳ ଜିଲା ହୋଇଥିବାରୁ ପ୍ରତ୍ୟେକ ବର୍ଷ ତାତି ଏଠାରେ ରେକର୍ଡ କରୁଛି। ଶନିବାର କିଶୋରନଗର ବ୍ଲକରେ ପାରଦ ୪୦ ଡିଗ୍ରୀ ଉପରେ ଥିବା ଏକ ଘରୋଇ ତାପମାପକ ଯନ୍ତ୍ରରୁ ଜଣାପଡ଼ିଛି। ଏଠାକାର ବିଭିନ୍ନ ଜଙ୍ଗଲ ଏବେ ବି ଜଳୁଥିବାରୁ ଗ୍ରୀଷ୍ମ ପ୍ରବାହ ଅପେକ୍ଷାକୃତ ଅଧିକ ରହୁଛି। ଏଥିଯୋଗୁ ପୂର୍ବାହ୍ନ ୧୦ଟା ପରେ ଜରୁରୀ କାର୍ଯ୍ୟ ନ ଥିଲେ ଲୋକେ ଘରୁ ବାହାରୁନାହାନ୍ତି। ଅପରାହ୍ନ ୩ଟା ଯାଏ ତାତି ରହୁଥିବାରୁ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହେଉଛି। ଏହାର ମୁକାବିଲା ସହ ଅଂଶୁଘାତରୁ ଲୋକଙ୍କୁ ରକ୍ଷା କରିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବଜାର, ବସ୍‌ଷ୍ଟପ୍, ବିଭିନ୍ନ ରାସ୍ତା ପାର୍ଶ୍ୱରେ ଜଳଛତ୍ର ଖୋଲାଯାଇ ନାହିଁ। ଯାତ୍ରୀମାନଙ୍କ ନିମନ୍ତେ ବିଶ୍ରାମାଗାର ବ୍ୟବସ୍ଥା କରାଯାଇ ନାହିଁ। ବିଭିନ୍ନ କଲେଜରୁ ଖରାରେ ବସ୍ ଧରିବାକୁ ଆସୁଥିବା ଛାତ୍ରୀଛାତ୍ରମାନେ ପାଣି ନ ପାଇ ହନ୍ତସନ୍ତ ହେଉଛନ୍ତି। ସେହିପରି ୨୩ଟି ପଞ୍ଚାୟତରେ ବହୁ ସଂଖ୍ୟାରେ ନଳକୂଅ ଅଚଳ ଥିବାବେଳେ ସେଗୁଡ଼ିକ ସଚଳ କରିବାକୁ ଜଳଯୋଗାଣ ବିଭାଗ ପଦକ୍ଷେପ ନେଉନାହିଁ। ବ୍ଲକର ଟକବା, ବାମୁର, ସଞ୍ଜାମୁରା, ହଣ୍ଡାପା, ଆନନ୍ଦମୁଣ୍ଡା, ଶରଧାମୁଣ୍ଡା, କଣ୍ଟେଇକୁଳିଆ ଜଙ୍ଗଲଗୁଡ଼ିକରେ ବାରମ୍ବାର ନିଆଁ ଲାଗୁଥିବା ଯୋଗୁ ଉତ୍ତାପ ବଢୁଥିବା ବଇଣ୍ଡା ଗ୍ରାମବାସୀ କହିଛନ୍ତି। ଅନେକ କୂଅ, ପୋଖରୀ, ନାଳ ଶୁଖି ଯାଇଥିବାବେଳେ ଜଳସ୍ତର ଖସିଯିବା ଯୋଗୁ ଗ୍ରାମାଞ୍ଚଳ ଲୋକେ ଜଳକଷ୍ଟ ଭୋଗୁଛନ୍ତି। ସେହିପରି ଜଙ୍ଗଲଗୁଡ଼ିକରେ ଥିବା ଜଳାଶୟ ଶୁଖିଯାଇଥିବାରୁ ବନ୍ୟଜନ୍ତୁମାନେ ପିଇବା ପାଣି ନ ପାଇ ଗାଁ ଭିତରକୁ ପଶି ଆସୁଛନ୍ତି। ତେଣୁ ଏ ନେଇ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଟ୍ୟାଙ୍କର ମାଧ୍ୟମରେ ଜଳ ଯୋଗାଯାଉ



“ଗ୍ରୀଷ୍ମ ପ୍ରବାହରେ ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ିଲେଣି। ଜଙ୍ଗଲ ଜଳିବା ଓ ଅଧିକ କଳକାରଖାନା ଯୋଗୁ ଜିଲାର ତାପମାତ୍ରା ବଢ଼ିଚାଲିଛି। ଗାଁ ଗାଁରେ ପାନୀୟ ଜଳ ସମସ୍ୟା ଦେଖାଯାଇଛି। ତୁରନ୍ତ ପ୍ରତ୍ୟେକ ଗ୍ରାମକୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ହେଉ।

**-ସନ୍ତୋଷ କୁମାର ପ୍ରଧାନ, ଧୁଣ୍ଡି**

### ଅସ୍ଥାୟୀ କୁଣ୍ଡ ନିର୍ମାଣ ହେଉ



“ତାପମାତ୍ରା ବୃଦ୍ଧି ଯୋଗୁ ସମସ୍ତେ ପ୍ରଭାବିତ ହେଉଛନ୍ତି। ବିଶେଷକରି ଜୀବଜନ୍ତୁଙ୍କ ପାଇଁ ପାଣି ସମସ୍ୟା ଦେଖାଦେଇଛି। ଜଙ୍ଗଲରେ ନିଆଁ ଯୋଗୁ ଅନେକ ଜୀବଜନ୍ତୁ ପାଣି ପିଇବାକୁ ଗ୍ରାମାଭିମୁଖୀ ହେଉଛନ୍ତି। ଜଙ୍ଗଲ ବିଭାଗ ପକ୍ଷରୁ ଅସ୍ଥାୟୀ କୁଣ୍ଡ ନିର୍ମାଣ କରାଯାଉ।

**-ରଞ୍ଜନ ପ୍ରଧାନ, କଦଳୀମୁଣ୍ଡା**

### ବିଶ୍ରାମାଗାର, ଜଳଛତ୍ର ଲୋଡ଼ା



“ପ୍ରବଳ ଖରା ସାଙ୍ଗକୁ ପାନୀୟ ଜଳ ଅଭାବ ଦେଖାଯାଇଛି। କୌଣସି ବସ୍‌ଷ୍ଟପ୍‌ରେ ଜଳଛତ୍ର ଖୋଲାଯାଇନାହିଁ। ବାଟୋଇ ଓ ବସ୍‌ଯାତ୍ରୀମାନେ ପିଇବାକୁ ପାଣି ପାଉନାହାନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ବିଶ୍ରାମାଗାର ସହ ଜଳଛତ୍ର ବ୍ୟବସ୍ଥା କରାଯାଉ।

**-ଲମ୍ବୋଦର ସାହୁ, ନାକିଚି**

### ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି



“ଅଂଶୁଘାତ ମୁକାବିଲା ପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ବୈଠକ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ଜଳଛତ୍ର ଖୋଲିବା ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଅଚଳ ନଳକୂଅଗୁଡ଼ିକ ମରାମତି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଶୀଘ୍ର ପଦକ୍ଷେପ ନିଆଯିବ।

**-ଲଳିତ ମୋହନ ବେହେରା, ଉପଜିଲାପାଳ, ଆଠମଲ୍ଲିକ**

### ଜଙ୍ଗଲକୁ ସୁରକ୍ଷା ଦେବା ଜରୁରୀ



“ଖଣି, ଶିଳ୍ପ ପାଇଁ ଜଙ୍ଗଲ ହ୍ରାସ ପାଇ ଚାଲିଛି। ନିଆଁ ଲାଗି ବନ୍ୟସମ୍ପଦ ନଷ୍ଟ ହେଉଛି। ରାସ୍ତା ପାଇଁ ବହୁ ସଂଖ୍ୟାରେ ଗଛ କଟାଯିବା ଓ ସିମେଣ୍ଟ ରାସ୍ତା ନିର୍ମାଣ ତାପମାତ୍ରାରେ ବୃଦ୍ଧିର ମୁଖ୍ୟ କାରଣ ହୋଇଛି। ଜଙ୍ଗଲକୁ ସୁରକ୍ଷା ଦିଆଗଲେ ତାପମାତ୍ରା ନିୟନ୍ତ୍ରଣକୁ ଆସିବ।

**-ମନୋଜ କୁମାର ମହାପାତ୍ର, ସାମାଜିକ କର୍ମୀ**

# ବ୍ୟବସାୟୀଙ୍କ କୋଭିଡ୍ ପରୀକ୍ଷା



ବ୍ୟବସାୟୀଙ୍କଠାରୁ ସ୍ୱାବ୍ ସଂଗ୍ରହ କରାଯାଉଛି।

**ଅନୁଗୋଳ ଅଫିସ, ୧୦।୪**

ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ବଢୁଥିବାରୁ ଏହାକୁ ରୋକିବାକୁ ଅନୁଗୋଳ ପୌର ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ସହରରେ ଥିବା ବସ୍‌ଷ୍ଟାଣ୍ଡରେ ଶନିବାର ବ୍ୟବସାୟୀ ଓ ଦୋକାନରେ କାମ କରୁଥିବା ବ୍ୟକ୍ତିମାନଙ୍କ କରୋନା ପରୀକ୍ଷା କରାଯାଇଛି। ଯେଉଁମାନଙ୍କ ରିପୋର୍ଟ ପଜିଟିଭ୍ ଆସିବ, ସେମାନଙ୍କ ଦୋକାନକୁ ୭ ଦିନ ପାଇଁ ସିଲ୍ କରାଯିବ ବୋଲି ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ପୌରପାଳିକା ଅଧୀନରେ ଥିବା ଯେଉଁ ବ୍ୟବସାୟୀ ଏହି କରୋନା ପରୀକ୍ଷା କରିବାକୁ ଆଗ୍ରହ ଦେଖାଇବେ ନାହିଁ ବା ସ୍ୱାବ୍ ନ ଦେଇ ଲୁଚି ରହିବେ, ସେମାନଙ୍କ ବିରୋଧରେ ପୌରପାଳିକା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଜଣାପଡ଼ିଛି। ଏପରି କି ଯେଉଁ ବ୍ୟବସାୟୀମାନେ କରୋନା ନେଗେଟିଭ୍ ରିପୋର୍ଟ ଦେଖାଇବାକୁ ଅସମର୍ଥ ହେବେ, ସେମାନଙ୍କ ଦୋକାନକୁ ଖୋଲିବାକୁ ଦିଆଯିବ ନାହିଁ ବୋଲି ପୌରପାଳିକା ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେହିପରି ପୌରପାଳିକା ପକ୍ଷରୁ ବସ୍‌ଷ୍ଟାଣ୍ଡରେ ଆର୍‌ଟିପିସିଆର୍ ଟେଷ୍ଟ ପାଇଁ ସ୍ୱାବ୍ ସଂଗ୍ରହ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୬୦ ଜଣ ବ୍ୟବସାୟୀଙ୍କଠାରୁ ସ୍ୱାବ୍ ସଂଗ୍ରହ କରାଯାଇଥିବା ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତବର୍ଷ ଅନୁଗୋଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ପରେ ପୌରପାଳିକା ପକ୍ଷରୁ ବଜାରରୁ ସ୍ୱାବ୍ ପରୀକ୍ଷା କରାଯାଇଥିଲା। ତେବେ ଏହି ପରୀକ୍ଷା ଗତବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ଚାଲିଥିଲା। ଯେଉଁମାନେ ପଜିଟିଭ୍ ଚିହ୍ନଟ ହୋଇଥିଲେ, ସେମାନଙ୍କ ଦୋକାନକୁ ୭ ଦିନ ସିଲ୍ କରାଯାଇଥିଲା।

# ପାଣି ପମ୍ପ ଚୋରି, ଜଣେ ଗିରଫ

**ଅନୁଗୋଳ ଅଫିସ, ୧୦।୪**

ପାଣି ପମ୍ପ ଚୋରି ଅଭିଯୋଗରେ ଅନୁଗୋଳ ସଦର ଥାନା ପୋଲିସ ଜାମୁନାଳୀ ଅଞ୍ଚଳର ବାବୁଲୀ ସେଠୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଗତ ୪ ତାରିଖ ରାତିରେ ଜାମୁନାଳୀ ଗ୍ରାମର ଅଶୋକ ଦେହୁରୀଙ୍କ ଘର ସମ୍ମୁଖ କୂଅରେ ଲଗାଯାଇଥିବା ପାଣି ପମ୍ପ ଚୋରି ହୋଇଯାଇଥିଲା। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଶନିବାର ବାବୁଲିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ପ୍ରଶାସନର ଚଢ଼ାଉ, ବସ୍ ଜବତ



ପ୍ରଶାସନ ଓ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି।

**ବଇଣ୍ଡା, ୧୦।୪(ଡି.ଏନ.ଏ.)**

ଅନୁଗୋଳ ଜିଲାରେ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ବଢୁଥିବାରୁ ପ୍ରଶାସନ ପକ୍ଷରୁ କଟକଣାକୁ କଡ଼ାକଡ଼ି କରାଯାଇଛି। ଶନିବାର କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁଙ୍କ ସହ ଏକ ଟିମ୍ କିଶୋରନଗର, ବାମୁର ଛକରେ କୋଭିଡ୍ କଟକଣା ଯାଞ୍ଚ କରୁଥିଲେ। ଏହି ସମୟରେ କିଶୋରନଗର ଅଭିମୁଖେ ଆସୁଥିବା ଏକ ଘରେଇ ବସ୍ କରୋନା କଟକଣା ଉଲ୍ଲଂଘନ କରିଥିବା ଅଧିକାରୀମାନେ ଦେଖିବାକୁ ପାଇଥିଲେ। ବସ୍‌ରେ ଥିବା କର୍ମଚାରୀ ଓ ଯାତ୍ରୀମାନେ ମାସ୍କ ପିନ୍ଧି ନ ଥିବାରୁ ତହସିଲଦାର ଉକ୍ତ ବସ୍‌କୁ ଜବତ କରିଥିଲେ। ଏଥିସହ ଯାତାୟାତ କରୁଥିବା କେତେଜଣ ଲୋକଙ୍କଠାରୁ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସମସ୍ତେ କରୋନା କଟକଣାକୁ କଡ଼ାକଡ଼ି ପାଳନ କରିବାକୁ ତହସିଲଦାର ପରାମର୍ଶ ଦେଇଥିଲେ। ଏଥିରେ କିଶୋରନଗର ପୋଲିସ ସହାୟତା କରିଥିଲା।

### ଛେଣ୍ଡିପଦା ବଜାରରେ ଯାଞ୍ଚ

**ଛେଣ୍ଡିପଦା, ୧୦।୪(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକରେ କରୋନା ସଂକ୍ରମଣକୁ ପ୍ରତିରୋଧ କରିବା ପାଇଁ ଶନିବାର ଛେଣ୍ଡିପଦା ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଥାନା ଅଧିକାରୀ ଛେଣ୍ଡିପଦା ବଜାରରେ ଚଢ଼ାଉ କରିଥିଲେ। ତହସିଲଦାର ଡାନିଏଲ ଏକ୍କାଙ୍କ ନେତୃତ୍ୱରେ ବିଡିଓ ବିଶ୍ୱନାଥ ସାହୁ ଓ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ପ୍ରମୁଖ ସଦର ମହକୁମାର ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରିବା ସହ ଜନସାଧାରଣଙ୍କୁ ସଚେତନତା କରାଇଥିଲେ। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ୨ଶହରୁ ଊର୍ଦ୍ଧ୍ୱ ଦୋକାନୀଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଥିଲା। ସେହିପରି ପ୍ରତ୍ୟେକ ଦୋକାନୀଙ୍କୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଥିଲା। ଏପରିକି ଦୋକାନକୁ ମଧ୍ୟ ଆସୁଥିବା ବ୍ୟକ୍ତି ମାସ୍କ ପିନ୍ଧିବା ଉପରେ ଧ୍ୟାନ ଦେବାକୁ ଦୋକାନୀମାନଙ୍କୁ ଅବଗତ କରାଯାଇଥିଲା। ପର୍ଯ୍ୟାୟକ୍ରମେ ଅନ୍ୟସମସ୍ତ ଦୋକାନୀଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯିବା ସହ ଚଢ଼ାଉକୁ ଜୋରଦାର କରାଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ମେ ୧୭ରେ ବ୍ଲକ ଘେରାଉ



ବୈଠକରେ ଉପସ୍ଥିତ କମିଟି ସଦସ୍ୟଙ୍କ ସମେତ ଚାଷୀମାନେ।

**ବଇଣ୍ଡା, ୧୦।୪(ଡି.ଏନ.ଏ.)**

**ନିର୍ମାଣ ହେଉନି ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ**

କିଶୋରନଗର ବ୍ଲକ ବାମୁର ପଞ୍ଚାୟତରେ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉନାହିଁ। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏହାର ପ୍ରତିବାଦରେ ମେ ୧୭ ତାରିଖରେ କିଶୋରନଗର ବ୍ଲକ ଘେରାଉ କରିବା ପାଇଁ ଶନିବାର ଜୀବନଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ କମିଟି ପକ୍ଷରୁ ଜଏରାଟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ବିଜୟ ରଥ, ଅନନ୍ତ ଚରଣ ପ୍ରଧାନ, ଚେରୁ ପ୍ରଧାନ, ଅନାମ ପ୍ରଧାନ, ଗୌର ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ, ବାମୁରଠାରେ ସୁରେଶ୍ୱରୀ ଜଳ ସେଚନ ପ୍ରକଳ୍ପ ନିର୍ମାଣ ପାଇଁ ସରକାର ୨୦୦୪ରେ ଶୁଭ ଦେଇଥିଲେ ମଧ୍ୟ ଆଜି ସୁଦ୍ଧା ପ୍ରକଳ୍ପର କାର୍ଯ୍ୟ ଆଗକୁ ଯାଇପାରୁ ନାହିଁ। ଏ ନେଇ କମିଟି ପକ୍ଷରୁ ବହୁବାର ଆନ୍ଦୋଳନ କରାଯାଇଛି। ହେଲେ କୌଣସି ସୁଫଳ ମିଳିପାରୁନାହିଁ। ଏହି ଜଳସେଚନ ପ୍ରକଳ୍ପ ନିର୍ମାଣ ହେଲେ ବ୍ଲକର ୬ଟି ପଞ୍ଚାୟତର ଚାଷ ଜମିକୁ ପାଣି ମାଡିବ।

# ପରିବା ପ୍ରଦର୍ଶନ କଲେ ସଫଳ ଚାଷୀ

**ଛେଣ୍ଡିପଦା, ୧୦।୪(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ବାହାଲସାହି ପଞ୍ଚାୟତରେ ଏମ୍‌ସିଏଲ ସିଏସ୍‌ଆର୍ ସହଯୋଗ ଓ ବାଏଫ୍ ପ୍ରାୟୋଜିତ ସମନ୍ୱିତ ଗୋଷ୍ଠୀ ବିକାଶ ଯୋଜନା ଆନୁକୂଲ୍ୟରେ କୃଷିମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ସିଏଲ୍‌ର ଆଞ୍ଚଳିକ ପରିବେଶ ଅଧିକାରୀ ଜି. ଶ୍ରୀନିବାସ, ସମ୍ମାନିତ ଅତିଥି ଭାବେ ବାହାଲସାହି ସରପଞ୍ଚ ନାରାୟଣ ବେହେରା, ଛେଣ୍ଡିପଦା ସହକାରୀ କୃଷି ଅଧିକାରୀ ଚନ୍ମୟୀ ରାୟ, ଛେଣ୍ଡିପଦା ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ଅନ୍ୱେଷା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ମେଳାରେ କୃତ୍ରିମ ପ୍ରଜନନ ଦ୍ୱାରା ଉନ୍ନତ ଧରଣର ମାଈ ବାଛୁରୀ ଉତ୍ପାଦନ, ସୌର ଶକ୍ତି ବିନିଯୋଗରେ ଚାଷୀର ଆର୍ଥିକ ବିକାଶ, ଉନ୍ନତ ପନିପରିବା ଚାଷ ପ୍ରଣାଳୀ ଆଦି ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ସଫଳ ଚାଷୀମାନେ ସେମାନଙ୍କ ଉତ୍ପାଦିତ ପନିପରିବା ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମରେ ୭୦ରୁ ଊର୍ଦ୍ଧ୍ୱ ଚାଷୀ ସରକାରଙ୍କ କୋଭିଡ୍ ନିୟମ ମାନି ଅଂଶଗ୍ରହଣ କରିଥିଲେ। ବାଏଫର ପ୍ରକଳ୍ପ ଅଧିକାରୀ ସୁଧାଂଶୁ ଶେଖର ରାୟଗୁରୁ ସଂଯୋଜନା କରିଥିଲେ। ସିଆର୍‌ପିମାନେ ପରିଚାଳନାରେ ସହଯୋଗ କରିଥିଲେ।




କୃଷି ମେଳାରେ ପରିବା ପ୍ରଦର୍ଶନ କରାଯାଉଛି।

# ନକଲି ପ୍ରମାଣପତ୍ର ର୍‌ୟାକେଟ୍‌ର ପର୍ଦ୍ଦାଫାଶ

**ତାଳଚେର, ୧୦।୪(ନି.ପ୍ର.)**

- ୩ ଦୋକାନରେ ହେଉଥିଲା ତିଆରି
- ଅଭିଯୋଗ ପରେ ପୋଲିସର ଚଢ଼ାଉ
- ୪ ଜଣଙ୍କୁ ଗିରଫ ସହ କୋର୍ଟଚାଲାଣ

ନକଲି ଡ୍ରାଇଭିଂ ଲାଇସେନ୍ସ, ପାନ କାର୍ଡ, ଆଧାର କାର୍ଡ, କୋଇଲା ଖଣିର ଟ୍ରାଞ୍ଜିଟ ପାସ୍ ଓ ଚାଲାଣ ତିଆରି କରୁଥିବା ଏକ ର୍‌ୟାକେଟ୍‌ର ପର୍ଦ୍ଦାଫାଶ କରିଛି ଅନୁଗୋଳ ଜିଲା ତାଳଚେର ବ୍ଲକ କଲିୟାରୀ ଥାନା ପୋଲିସ। ଏହି ନକଲି ପ୍ରମାଣପତ୍ର ତିଆରି ଅଭିଯୋଗରେ ଶନିବାର ବଲଣ୍ଡା ଅଞ୍ଚଳରେ ଥିବା ସୁଶୀଲ କମ୍ୟୁନିକେଶନ, ଚନ୍ଦନ ଜେରକ୍ସ, କ୍ଲାସିକ କମ୍ୟୁନିକେଶନ ଉପରେ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ସେଠାରୁ ବିପୁଳ ପରିମାଣର ନକଲି ଡ୍ରାଇଭିଂ ଲାଇସେନ୍ସ, ପ୍ୟାନ କାର୍ଡ, ଆଧାର କାର୍ଡ, କୋଇଲା ଖଣିର ଟ୍ରାଞ୍ଜିଟ ପାସ୍ ମିଳିଛି। ଏହି ବେଆଇନ କାରବାର କରୁଥିବା ଉକ୍ତ ୩ ଗୋଟି ସଂସ୍ଥାର ୪ଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି।

କେତେଜଣ ଦୁର୍ବୃତ୍ତ ଏମ୍‌ସିଏଲ୍‌ର ନକଲି ଟ୍ରାଞ୍ଜିଟ ପାସ୍, ସିଲ୍, ଦସ୍ତଖତ ୱେବ୍ରିଜ୍ ଓ ଡେସ୍‌ପାଚ ଇନଚାର୍ଜ ସିଲ୍ ସୁଶୀଲ କମ୍ୟୁନିକେଶନ, ଚନ୍ଦନ ଜେରକ୍ସ ଓ କ୍ଲାସିକ କମ୍ୟୁନିକେଶନରେ ତିଆରି କରୁଥିବା ନେଇ ଏମ୍‌ସିଏଲ୍‌ର ଏଠାରେ ଥିବା ଜଗନ୍ନାଥ କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ସନ୍ତ କୁମାର ଚୌଧୁରୀ ଶନିବାର କଲିୟାରୀ ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏହି ଜାଲ୍ କାଗଜପତ୍ର ବଳରେ ଚୋରା କୋଇଲା କାରବାର ସହ ବହୁ ବେଆଇନ କାମ କରାଯାଉଥିବା ସେ ଦର୍ଶାଇଥିଲେ। ଅଭିଯୋଗ ପାଇବା ପରେ କଲିୟାରୀ ଥାନା ଆଇଆଇସି ସବ୍ୟସାଚୀ ରାଉତ ଓ ଅନ୍ୟ ଅଧିକାରୀମାନେ ବଲଣ୍ଡା ଅଞ୍ଚଳରେ ଥିବା ଉକ୍ତ ଦୋକାନଗୁଡ଼ିକ ଉପରେ ଚଢାଉ କରିଥିଲେ। ଦୀର୍ଘ ଦିନ ହେଲା ଏହି ବେଆଇନ କାରବାର ସେଠାରେ ଚଳାଇଥିବା ବିକ୍ରମପୁର ଥାନା ବଡସିଙ୍ଗଡା ଗ୍ରାମର ସୁଶୀଲ କୁମାର ସାହୁ , ବିକ୍ରମପୁର ଥାନା ଗୋବରା ଗ୍ରାମର ଚନ୍ଦନ କୁମାର ବେହେରା, ଆଠଗଡ ଥାନା ଅରଖପାଳ ଗ୍ରାମର ପ୍ରଦୀପ କୁମାର ପଟ୍ଟନାୟକ, ହିନ୍ଦୋଳ ଥାନା ଦୁଦୁରକୋଟର ସୁଧୀର କୁମାର ପଟ୍ଟନାୟକଙ୍କୁ ଗିରଫ କରାଯାଇଥିଲା। ଏ ସଂକ୍ରାନ୍ତରେ କଲିୟାରୀ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।



ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ହାଜର କରାଇଛି।

## ସଂକ୍ଷେପରେ

### ବ୍ୟବସାୟୀଙ୍କୁ କଚାଡ଼ି ମାରିଲା ହାତୀ

ରାସୋଳ,୧୦।୪(ଡି.ଏନ.ଏ.): ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ ବାନ୍ଧବ ସେକ୍ସନ ପଟାଲୁ ଜଙ୍ଗଲରେ ହାତୀ ଆକ୍ରମଣରେ ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭାପୁର କୋଉମ ଗ୍ରାମର ମାୟାଧର ସ୍ୱାଇଁ। ମାୟାଧର ଗୁଡ ବିକ୍ରି କରିବା ପାଇଁ ବାନ୍ଧବ ଅଞ୍ଚଳକୁ ଯାଇଥିଲେ। ସନ୍ଧ୍ୟାରେ ପଟାଲୁରୁ ନିଜ ଗ୍ରାମକୁ ଫେରୁଥିବାବେଳେ ଏକ ହାତୀ ହାବୁଡ଼ରେ ପଡ଼ିଥିଲେ। ପରେ ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଖବରପାଇ ବନବିଭାଗ କର୍ମଚାରୀମାନେ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପାଣି ବଣ୍ଟନବେଳେ ମାଡ଼ ନେଇ ଉତ୍ତେଜନା

କଣିହାଁ,୧୦।୪(ଡି.ଏନ.ଏ.): ଅନୁଗୋଳ ଜିଲା କଣିହାଁ ପୋଲିସ ଜାତିଆଣ ଆକ୍ଷେପକୁ ନେଇ ଶନିବାର ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଗୁରୁବାର କଂସମୁଣ୍ଡା ଗ୍ରାମରେ ଏମ୍‌ସିଏଲ୍ ପକ୍ଷରୁ ପାଣି ବଣ୍ଟନ ବେଳେ ଗ୍ରାମର ଝସକେତନ ପ୍ରଧାନ ପାଣି ଟ୍ୟାଙ୍କର ହଲପରଙ୍କୁ ମାଡ଼ ମାରିଥିଲେ। ଏହାକୁ ଉପସ୍ଥିତ ଥିବା ଗ୍ରାମର ଅନିତା ସେଠୀ ଓ କେତେଜଣ ମହିଳା ବିରୋଧ କରିଥିଲେ। ଫଳରେ ଝସକେତନ ଅନିତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଜାତିଆଣ ଆକ୍ଷେପ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଅନିତା କଣିହାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୯୯/୨୦୨୧ରେ ମାମଲା ରୁଜୁ କରି ଅଭିଯୁକ୍ତ ଝସକେତନଙ୍କୁ ଗିରଫ କରିଥିବା ଜଣାପଡିଛି। ଘଟଣାର ଅଧିକ ତଦନ୍ତ ପାଲଲହଡା ଏସ୍‌ଡିପିଓ ସୁମନ ରଞ୍ଜିତା ସିଂ କରୁଥିବା ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ସିଆର୍‌ସିସିଙ୍କ ଅକାଳ ବିୟୋଗ



ଢେଙ୍କାନାଳ ଅଫିସ,୧୦।୪: ଢେଙ୍କାନାଳ ସଦର ବ୍ଲକ ସୋଗରପଶି କ୍ଲଷ୍ଟରର ସିଆର୍‌ସିସି କପିଳେଶ୍ୱର ପ୍ରଧାନଙ୍କ ଶୁକ୍ରବାର ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଛି। ତାଙ୍କୁ ୪୫ ବର୍ଷ ହୋଇଥିଲା। ଏହି ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସଦର ଏବିଇଓ ଅଦ୍ୱୈତ କୁମାର ସାମଲ, ଶିକ୍ଷକ ସଂଘ ସଭାପତି ଅସିତ ମିଶ୍ର, ସମ୍ପାଦକ ପ୍ରଶାନ୍ତ ପଣ୍ଡା, ସିଆରସିସି ବିକାଶ ଜେନା, ରସାନନ୍ଦ ମହାରଣା, ପ୍ରମୋଦ ସାହୁ, ପବିତ୍ର ମୋହନ ବିଶ୍ୱାଳ, ଶିକ୍ଷକ ଶତ୍ରୁଘ୍ନ ମଲ୍ଲିକ, ଶାନ୍ତନୁ ନାୟକ, କୃପାସିନ୍ଧୁ ଭୋଇ, ଗଣପତି ରାଉତ ଓ କାର୍ଯ୍ୟାଳୟ କିରାଣି ପ୍ରକାଶ ପଣ୍ଡା ପ୍ରମୁଖ ତାଙ୍କ ବେଲଟିକିରିସ୍ଥିତ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ଜ୍ୟୋତିର୍ମୟୀ ଭୂତିଆଙ୍କ ସ୍ମୃତିସଭା

ପରଜଙ୍ଗ,୧୦।୪(ଡି.ଏନ.ଏ)- ଢେଙ୍କାନାଳ ଜିଲା ପରଜଙ୍ଗ ସ୍ଥିତ ନାଉପାଳ କାଟେଣି ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଶିକ୍ଷାବିତ୍ ଶତ୍ରୁଘ୍ନ ଭୂତିଆଙ୍କ ସ୍ତ୍ରୀ ଜ୍ୟୋତିର୍ମୟୀ ଭୂତିଆଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ନାରାୟଣ ସାହୁ, ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ୍ ଭ୍ରମରବର ବିଶ୍ୱାଳ, ସମ୍ମାନିତ ବକ୍ତା ଅତିଥି ଦିବାକର ନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଗୀରଥି ବେହେରା, ଜ୍ୟୋତ୍ସ୍ନାମୟୀ ଭୂତିଆ, ଇନ୍ଦିରା ବାରିକ, ଡାକ୍ତର ଭରତ ବେହେରା, ବଡ଼ପୁଅ ସତ୍ୟଜିତ ଭୂତିଆ ଓ ସାନପୁଅ ଶିବପ୍ରସାଦ ଯାଦବ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତା ଭୂତିଆଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତର ସ୍ମୃତିଚାରଣ କରିଥିଲେ। ସମ୍ପାଦକ ସୁଧାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବଦଳୁନି ଆପରାଧିକ ମନୋଭାବ

ଅନୁଗୋଳ ଅଫିସ, ୧୦।୪
(ଅମିତ କୁମାର ସାମଲ)



- ଜେଲରୁ ବାହାରି ପୁଣି କରୁଛନ୍ତି ଅପରାଧ
- ପୋଲିସ ପାଇଁ ଚିନ୍ତାର କାରଣ ସାଜିଛନ୍ତି
- ପୁରୁଣା ଦାଗୀଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ନିର୍ଦ୍ଦେଶ

ଅପରାଧରେ ଜଡ଼ିତ ଅଭିଯୋଗରେ ଜେଲ ପଠାଯାଉଛି। ମାସ ମାସ ଧରି କାରାଗାରାରେ ରଖାଯାଇ ଦଣ୍ଡିତ କରାଯାଉଛି। ଆପରାଧିକ କାର୍ଯ୍ୟ ଛାଡ଼ି ସାଧାରଣ ଜୀବନକୁ ଫେରିବା ପାଇଁ ଜେଲ୍ ସଂସ୍କାର ପ୍ରକ୍ରିୟାରେ ବହୁ ନୀତିଶିକ୍ଷା ଦିଆଯାଉଛି। ହେଲେ କେତେଜଣ ଅଭ୍ୟାସଗତ ଅପରାଧୀଙ୍କ ମନୋଭବରେ ପରିବର୍ତ୍ତନ ଆସୁନାହିଁ। ବିଭିନ୍ନ ଉପାୟରେ ଜେଲ୍‌ରୁ ବାହାରିବା ପରେ ପୁଣି ସେମାନେ ଆପରାଧିକ କାର୍ଯ୍ୟରେ ଜଡ଼ିତ ରହୁଛନ୍ତି। ଏହାକୁ ନେଇ ଅନୁଗୋଳ ପୋଲିସର ମୁଣ୍ଡବିନ୍ଧା ଆରମ୍ଭ ହୋଇଛି। ଏପରି ପୁରୁଣା ଦାଗୀଙ୍କ ଉପରେ କଡ଼ା ନଜର ରଖିବାକୁ ସବୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅନୁଗୋଳ ଜିଲାରେ ଲୁଟ୍, ଡକାୟତି, ଗଣ୍ଡଗୋଳ ଠାରୁ ଆରମ୍ଭ କରି ଚୋରା କୋଇଲା ଓ ମଦ କାରବାରରେ ବହୁ ପୁରୁଣା ଅପରାଧୀଙ୍କ ହାତ ରହୁଛି। ଏହା ଜଣାପଡ଼ିବା ପରେ ସେମାନଙ୍କୁ ଧରିବାକୁ ବିଭିନ୍ନ ସମୟରେ ଅନୁଗୋଳ ପୋଲିସ ମୁଖ୍ୟାଳୟ ପକ୍ଷରୁ ସମସ୍ତ ଥାନାକୁ କୁହାଯାଉଛି। କିନ୍ତୁ କେତେଜଣ ଧରାପଡୁଥିବାବେଳେ ଆଉ କେତେଜଣ ଫେରାର ହୋଇଯାଉଛନ୍ତି। କିଛିଦିନ ଲୁଚି ରହିବା ପରେ ପରିସ୍ଥିତି ଶାନ୍ତ ଦେଖି ପୁଣି ଆପରାଧିକ କାର୍ଯ୍ୟକଳାପ ଆରମ୍ଭ କରିଦେଉଛନ୍ତି। ଛେଣ୍ଡିପଦା ଓ ତାଳଚେର ଅଞ୍ଚଳରେ ହେଉଥିବା ଚୋରା କୋଇଲା କାରବାରରେ ଏପରି ବହୁ ପୁରୁଣା କୋଇଲା ମାଫିଆଙ୍କ ବାରମ୍ବାର ସମ୍ପୃକ୍ତି ପୋଲିସ ଜାଣିବାକୁ ପାଉଛି। ସେହିପରି ଅନୁଗୋଳ ସହର ଉପକଣ୍ଠରେ ଗତମାସ ପ୍ରଥମ ସପ୍ତାହରେ କେତେଜଣ ଦୁର୍ବୃତ୍ତ ଜଣେ ପୂର୍ବତନ ସରପଞ୍ଚଙ୍କ ଘର ଆଗରେ ଗଣ୍ଡଗୋଳ କରିଥିଲେ। ଖଣ୍ଡା ଓ ଭୁଜାଲି ବୁଲାଇ ଲୋକଙ୍କୁ ଭୟଭୀତ କରାଇଥିଲେ। ଘରର କାଚ, ଆସବାବପତ୍ର ଭାଙ୍ଗି ଦେଇଥିଲେ। ପୋଲିସ ତଦନ୍ତ ବେଳେ ଘଟଣାରେ ପୁରୁଣା ଦାଗୀମାନେ ସାମିଲ ଥିବା ଜଣାପଡ଼ିଥିଲା। ସେମାନଙ୍କ ମଧ୍ୟରୁ ଜଣେ ନିକଟରେ ବେଲ୍‌ରେ ଜେଲ୍‌ରୁ ବାହାରିଥିଲେ। କେବଳ ଏହି ଗୋଟିଏ ଘଟଣାରେ ନୁହେଁ, ବେଲ୍‌ରେ ଆସିଥିବା ସମ୍ପୃକ୍ତ ଦାଗୀଜଣକ ଗତ ଦୋଳପୂର୍ଣ୍ଣିମାରେ ସହରର ଡିଆସି ଛକରେ ନିଜ ଗୋଷ୍ଠୀଙ୍କୁ ଧରି ଗଣ୍ଡଗୋଳ କରିଥିଲେ। ସେଠାରେ ଖଣ୍ଡା ଓ ଭୁଜାଲି ବୁଲାଇ ସାଧାରଣରେ ଆତଙ୍କ ସୃଷ୍ଟି କରିଥିଲେ। ସେହିପରି ଆଉ କେତେଜଣ ଅପରାଧୀ ନିୟମିତ ଭାବେ ଡ୍ରଗ୍ସ କାରବାରରେ ସମ୍ପୃକ୍ତ ରହୁଛନ୍ତି। ଏକାଧିକ ଥର ଜେଲ୍ ଯାଇଥିଲେ ବି ବାହାରକୁ ବାହାରିବା ମାତ୍ରେ ପୁଣି ସେହି ପୁରୁଣା କାରବାର ଚଳାଇ ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରୁଛନ୍ତି। ତେଣୁ ଜିଲାରେ ଅପରାଧ ସଂଖ୍ୟା ବଢ଼ାଉଥିବା ଏପରି ଅଭ୍ୟାସଗତ ଅପରାଧୀମାନଙ୍କୁ ଧରିବା ଓ ସେମାନଙ୍କ ଉପରେ କଡ଼ା ନଜର ରଖିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

#### ପ୍ରକୃତ ଅପରାଧୀଙ୍କୁ ଧରାଯାଉ



“ବିଭିନ୍ନ ସମୟରେ ପୋଲିସ ନିରୀହ ଯୁବକମାନଙ୍କୁ ମିଛ ମାମଲାରେ ଫସାଉଛି। ଜେଲରୁ ବାହାରିବା ପରେ ସେମାନଙ୍କ ମଧ୍ୟରୁ କେତେଜଣ ସୁଧୁରି ଯାଉଛନ୍ତି। ଆଉ କେତେଜଣ ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟୁଛନ୍ତି। ତେଣୁ ପ୍ରକୃତ ଅପରାଧୀଙ୍କୁ ଧରାଗଲେ ଜିଲାରେ ଅପରାଧ ସଂଖ୍ୟା ହ୍ରାସ ପାଇବ।

-ପ୍ରଦୀପ ଦେବତା, ଆଇନଜୀବୀ, ଅନୁଗୋଳ

#### କାଉନସେଲିଂ କରାଯିବା ଆବଶ୍ୟକ



“କେବଳ ଜେଲ୍ ଭିତରେ ନୁହେଁ, ବାହାରକୁ ଆସିବା ପରେ ମଧ ଏପରି ପୁରୁଣା ଦାଗୀମାନଙ୍କ କାଉନସେଲିଂର ଆବଶ୍ୟକତା ରହିଛି। ଏହାଛଡ଼ା ବିଭିନ୍ନ ସମୟରେ ଥାନାକୁ ଡାକି ହାଜିରା ନେବା ସହ କାର୍ଯ୍ୟକଳାପ ଉପରେ ପୋଲିସ ସତର୍କ ନଜର ରଖିବା ଜରୁରୀ। ରୋଜଗାର ପାଇଁ ବିଭିନ୍ନ ତାଲିମ ବ୍ୟବସ୍ଥା କରାଗଲେ ଭଲ ହୁଅନ୍ତା।

-ରଞ୍ଜନ ଧୀରସାମନ୍ତ, ବୁଦ୍ଧିଜୀବୀ

#### ଚାର୍ଜଶିଟ୍‌ରେ କଡ଼ା ଦଫା ଲଗାଯାଉ



“ଅନେକ ସମୟରେ ପୋଲିସ ଠିକ୍ ଭାବେ ତଦନ୍ତ କରୁନାହିଁ। କୋହଳ ଦଫା ଲଗାଇ କୋର୍ଟରେ ଚାର୍ଜଶିଟ୍ ଦାଖଲ କରୁଛି। ସେଥିପାଇଁ ଅପରାଧୀମାନେ ଶୀଘ୍ର ଜେଲରୁ ମୁକୁଳି ଯାଉଛନ୍ତି। ଏହା ହିଁ ସେମାନଙ୍କୁ ଅଧିକ ଅପରାଧ ଦିଗରେ ପ୍ରୋତ୍ସାହିତ କରୁଛି। କଡ଼ା ଦଫା ସହ ଉପଯୁକ୍ତ ଦଣ୍ଡ ମିଳିଲେ ସେମାନେ ସୁଧୁରିବେ।

-ରଶ୍ମିରଞ୍ଜନ ପ୍ରଧାନ, ବୁଦ୍ଧିଜୀବୀ

#### ସବୁ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି



“ଜେଲରୁ ଫେରୁଥିବା ଅଭ୍ୟାସଗତ ଅପରାଧୀମାନେ ପୁଣି ଆପରାଧିକ କାର୍ଯ୍ୟରେ ସାମିଲ ରହୁଛନ୍ତି। ଏମାନଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିବାକୁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ପୋଲିସର ଗୋଇନ୍ଦା ବିଭାଗକୁ ମଧ ସଜାଗ ରଖାଯାଇଛି। ଜନସାଧାରଣଙ୍କୁ ସୂଚନା ଦେବାକୁ କୁହାଯାଇଛି।

-ଜଗମୋହନ ମୀନା, ଅନୁଗୋଳ ଏସ୍‌ପି

### ‘ମାସ୍କ ହିଁ ସୁରକ୍ଷା କବଚ’



ସଂକ୍ରମଣ ରୋକିବା ପାଇଁ ବୁଝାଯାଉଛି।

ଢେଙ୍କାନାଳ ଅଫିସ,୧୦।୪

ଢେଙ୍କାନାଳର ଗୁରଦେବଦୀ ଫାଉଣ୍ଡେଶନ ଓ ଆମେଚର ଟାଇକୋଣ୍ଡ ମିଳିତ ସହଯୋଗରେ ଶୁକ୍ରବାର କରୋନା ମୁକାବିଲା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳ ସହର ଶ୍ୟାମାଚରଣପୁର ବାଇପାସ ଛକଠାରୁ କଲେଜ ପର୍ଯ୍ୟନ୍ତ ସମସ୍ତ ଦୋକାନ, ପଥଚାରୀ ଓ ଯାନବାହନ ଆଦିରେ ଯାଉଥିବା ଲୋକଙ୍କୁ ମାସ୍କ ପିନ୍ଧିବା ପାଇଁ ଅନୁରୋଧ କରାଯାଇଥିଲା। କରୋନା ସଂକ୍ରମଣ ରୋକିବା ପାଇଁ ମାସ୍କ ହିଁ ସୁରକ୍ଷା କବଚ ବୋଲି ସଦସ୍ୟମାନେ ଲୋକଙ୍କୁ ବୁଝାଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସୌମ୍ୟବ୍ରତ ସାହୁଙ୍କ ନେତୃତ୍ୱରେ ଇନ୍ଦ୍ରଜିତ ସାହୁ, ରବୀନ୍ଦ୍ର ପରିଡା, ଦେବାଦିତ୍ୟ ବରାଳ ଓ ଅନୁଷ୍ଠାନ ନିର୍ଦ୍ଦେଶକ ବିଜ୍ଞାନ ମହାନ୍ତି ପ୍ରମୁଖ ଜନସାଧାରଣଙ୍କୁ ସଚେତନ କରିବା ସହ ମାସ୍କ ବଣ୍ଟନ କରିଥିଲେ।

### ୫ ପଜିଟିଭ୍ ଚିହ୍ନଟ

ଢେଙ୍କାନାଳ ଅଫିସ, ୧୦।୪

ଢେଙ୍କାନାଳ ଜିଲାରେ ଶନିବାର କରୋନାରେ ୫ଜଣ ଆକ୍ରାନ୍ତ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୨ଜଣ, ହିନ୍ଦୋଳ ବ୍ଲକରୁ ୨ଜଣ ଓ ସଦର ବ୍ଲକରୁ ଜଣେ ରହିଛନ୍ତି। ଶନିବାର ସୁଦ୍ଧା ଜିଲାରେ ମୋଟ ୫୭୬୨ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୫୭୧୦ଜଣ ସୁସ୍ଥ ହୋଇସାରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ନ୍ୟାୟ ପାଇଁ ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ

ଅନୁଗୋଳ ଅଫିସ, ୧୦।୪

ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଗୋହିରାପଡ଼ା ଅଞ୍ଚଳର ଯୁବତୀ ନର୍ମଦା ନାୟକଙ୍କ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ବିଫଳ

**ଯୁବତୀଙ୍କ ହତ୍ୟା ଅଭିଯୋଗ ମାମଲା**



ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ମୃତକଙ୍କ ପରିବାର ଲୋକ।

ହୋଇଛି। ଘଟଣା ଘଟିବାର ୫ ମାସରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ ପୋଲିସ କୌଣସି ଅଭିଯୁକ୍ତଙ୍କୁ ଧରିପାରିନାହିଁ ବୋଲି ମୃତ ଯୁବତୀଙ୍କ ଭଉଣୀ ଓ ଭାଇ ଅଭିଯୋଗ ଆଣିଛନ୍ତି। ତେଣୁ ନ୍ୟାୟ ଦାବିରେ ସେମାନେ ଶୁକ୍ରବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ, ୨୦୨୦ ନଭେମ୍ବର ୨୯ରେ ଶୋରିଷପାଳ ଜଙ୍ଗଲରୁ ନର୍ମଦାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଅଭିଯୋଗ ପରେ ପୁରୁଣାକୋଟ ଥାନାରେ ମାମଲା ରୁଜୁ ହୋଇଥିଲେ ମଧ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ପୂର୍ବରୁ ବାପା ବିଦ୍ୟାଧର ନାୟକଙ୍କ ନଦୀରେ ବୁଡ଼ି ମୃତ୍ୟୁ ହୋଇଥିଲା। ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ନର୍ମଦାଙ୍କ ଆକାଉଣ୍ଟ ଥିଲା। ଏହି ଟଙ୍କା ମିଳିବା ପରେ ସ୍ଥାନୀୟ କେତେଜଣ ଯୁବକ ତାଙ୍କ ସହ ସମ୍ପର୍କ ରଖିଥିଲେ। ଆଉ ନଭେମ୍ବର ୨୦ ତାରିଖରେ ନର୍ମଦାଙ୍କୁ ଅନୁଗୋଳ ଡାକିଆଣି ଜରପଡ଼ା ଏଟିଏମ୍‌ରୁ ଟଙ୍କା ଉଠାଇଥିଲେ। ଏହାପରେ ଟାଇଁସି ଅଞ୍ଚଳର ଶୋରିଷପାଳ ଜଙ୍ଗଲରେ ପଥର ଓ କାଠ ଫାଳିଆରେ ଆକ୍ରମଣ କରି ହତ୍ୟା କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆସନ୍ତା ୨୨ ତାରିଖରେ ସେମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଘଟଣା ସମ୍ପର୍କରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପୋଲିସର ତଦନ୍ତ ଚାଲିଛି। ହତ୍ୟାକାରୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

## ଶାଗୁଆନ ଗଛ କାଟିନେଲେ ଦୁର୍ବୃତ୍ତ

ପରଜଙ୍ଗ,୧୦।୪(ଡି.ଏନ.ଏ.)

ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ସାଆନ୍ଦା ବିଟ୍ ଅଧୀନ ଭାଲୁମୁଣ୍ଡା-ଆଲୁଅ ଝରଣ ପୂର୍ତ୍ତ ବିଭାଗ ରାସ୍ତାର ବାଘୁଆବୋଲ ଯୋର ଉପରେ ଥିବା ପୋଲ ନିକଟରୁ ଶୁକ୍ରବାର ରାତିରେ ୨ଟି ଶାଗୁଆନ ଗଛ କାଟି ନିଆଯାଇଛି। ଦୁର୍ବୃତ୍ତମାନେ ଗଛ ଦୁଇଟିର ଗଣ୍ଡି ନେଇ ପଳାଇଥିବା ବେଳ ରାସ୍ତା ଉପରେ ଡାଳଗୁଡ଼ିକ ପଡ଼ିରହିଛି। ଫଳରେ ଦିନତମାମ ଉକ୍ତ ରାସ୍ତାରେ ଯାତାୟାତରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ବନ ବିଭାଗ ପକ୍ଷରୁ ରାତିରେ ପାଟ୍ରୋଲିଂ କରିବା ବ୍ୟବସ୍ଥା ଥିବାବେଳେ ରାସ୍ତା କଡରୁ କିପରି ଦୁଇଟି ଗଛ ଦୁର୍ବୃତ୍ତମାନେ କାଟି ନେଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ସ୍ଥାନୀୟ ଫରେଷ୍ଟଗାର୍ଡ ନିରଞ୍ଜନ ନାୟକ କହିଛନ୍ତି, ଗଛ କାଟି ନିଆଯାଇଥିବା ସମ୍ପର୍କରେ ଖବର ମିଳିନାହିଁ। ଡିହଡୋଳ ଫରେଷ୍ଟର ସୁରେନ୍ଦ୍ର କୁମାର ନାୟକ କହିଛନ୍ତି, ଘଟଣା ସମ୍ପର୍କରେ ଗାର୍ଡ ନିରଞ୍ଜନ କୌଣସି ସୂଚନା ଦେଇନାହାନ୍ତି। ରେଞ୍ଜର ହରମୋହନ ନାୟକ କହିଛନ୍ତି, ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗଛ ଚୋରି କରିଥିବା ଦୁର୍ବୃତ୍ତଙ୍କୁ ଶୀଘ୍ର ଗିରଫ କରାଯିବ।



ଦୁର୍ବୃତ୍ତମାନେ ଗଣ୍ଡି ନେଇ ପଳାଇଥିବା ବେଳେ ରାସ୍ତା ଉପରେ ଶାଗୁଆନ ଡାଳ ପଡ଼ିରହିଛି।

## ୨୧୫ ମାମଲା ଫଇସଲା

ଢେଙ୍କାନାଳ ଅଫିସ,୧୦।୪

ଢେଙ୍କାନାଳ ଜିଲାର ବିଭିନ୍ନ ଅଦାଲତରେ ଶନିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶରତ କୁମାର ଦେହୁରୀଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଅମିୟ କୁମାର ସାହୁ, ପାରିବାରିକ ଅଦାଲତ ବିଚାରପତି ସୂର୍ଯ୍ୟ ନାରାୟଣ ଦ୍ୱିବେଦୀ, ଅତିରିକ୍ତ ଜିଲା ଜଜ୍ ରାଜକିଶୋର ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୁକ୍ତି ରଞ୍ଜନ ଶତପଥୀ, ବରିଷ୍ଠ ଦେୱାନୀ ବିଚାରପତି ସୁବାସଚନ୍ଦ୍ର ଧଳ, ଅତିରିକ୍ତ ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ଲୋପାମୁଦ୍ରା ପଣ୍ଡା, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ସୁଶିଲ କୁମାର ସାହୁ, ବରିଷ୍ଠ ଦେୱାନୀ ବିଚାରପତି ମହିଳା ଅଦାଲତ ସାବିତ୍ରୀ ନାୟକ, ଭାରପ୍ରାପ୍ତ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୌତ୍ରୀ ସାମନ୍ତରାୟ, ନିଶା ଅଗ୍ରୱାଲ ଓ ଶ୍ରୀମୟୀ ନନ୍ଦ ବିଭିନ୍ନ ଅଦାଲତ ପରିଚାଳନା କରିଥିଲେ। ସିଭିଲକୋର୍ଟ ରେଜିଷ୍ଟ୍ରାର ଚିନ୍ମୟୀ ମିଶ୍ର ଉପସ୍ଥିତ ଥିଲେ। ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ସୁକାନ୍ତ କିଶୋର ଜେନା, ସରକାରୀ ଆଇନଜୀବୀ ପତିତପାବନ ମହାପାତ୍ର, କନସିଲିଏଟର ସୁବାସିନୀ ମହାକୁଡ, ସ୍ଥାୟୀ ଓ ନିରନ୍ତର ଅଦାଲତ ପରିଚାଳନା କରିଥିଲେ। ପ୍ରାଧିକରଣ ପ୍ୟାନେଲ ଲୟର, ପାରାଲିଗାଲ ଭଲ୍ୟୁଣ୍ଟିୟର, ପ୍ରାଧିକରଣ ଓ ସିଭିଲ କୋର୍ଟର ସମସ୍ତ କର୍ମଚାରୀ ଲୋକ ଅଦାଲତ ପରିଚାଳନାରେ ସହାୟତା କରିଥିଲେ। ଏଥିରେ ମୋଟ୍ ୨୧୫ ମାମଲା ଫଇସଲା ହୋଇଥିଲା। ସେଥିମଧ୍ୟରୁ ମୋଟର ଦୁର୍ଘଟଣା ଜନିତ ୫୯ ମାମଲା, ବିବାହ ଓ ପାରିବାରିକ ୧୦ ମାମଲା, ୯୭ ଦେୱାନୀ, ୪୯ ବିଭିନ୍ନ ପ୍ରକାର ଫୌଜଦାରି ମାମଲା ଏବଂ ବ୍ୟାଙ୍କ ମାମଲା ଗୁଡିକର ଆପୋଷ ସମାଧାନ କରାଯାଇଥିଲା। ମୋଟର ଦୁର୍ଘଟଣା ଜନିତ ପ୍ରାପ୍ୟ ବାବଦକୁ ୨କୋଟି ୫୦ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟାନ୍ୟ ମାମଲାରେ ଜରିମାନା ଓ ବ୍ୟାଙ୍କ ଋଣ ଫଇସଲା ବାବଦକୁ ୧କୋଟି ୨୩ ଲକ୍ଷ ୭୫ ହଜାର ୭୬୮ ଟଙ୍କା ଆଦାୟ କରାଯାଇଥିବା ସୂଚନା ମିଳିଛି।

## ଅନୁଗୋଳରେ ପ୍ରଥମ ଜାତୀୟ ଲୋକ ଅଦାଲତ

ଅନୁଗୋଳ ଅଫିସ, ୧୦।୪

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ୧୬ଟି ପ୍ରାକ୍ ମକୋଦ୍ଦମା ଜନିତ ମାମଲାର ଫଇସଲା କରାଯାଇଥିଲା। ସେଥିମଧ୍ୟରୁ ୧୫ଟି ବ୍ୟାଙ୍କ ସମ୍ପର୍କିତ ମାମଲା ଥିଲା। ୩୬ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାରେ ୨କୋଟି ୫୫ଲକ୍ଷ ୫୩ ହଜାର ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ୧୯ଟି ଚେକ୍ ବାଉନ୍ସ ମାମଲା, ୨ଟି ବିଚାରାଧୀନ ବ୍ୟାଙ୍କ ସମ୍ପର୍କିତ ମାମଲା, ୭ଟି ପାରିବାରିକ ମାମଲା, ୧୫ ଦେୱାନୀ, ୧୦ ଫୌଜିଦାରି ଓ ଗୋଟିଏ ଏଫ୍‌ଆରଟି ମାମଲାର ବିଚାର କରାଯାଇଥିଲା। ସେହିପରି ୧୯୫୮ ରାଜସ୍ୱ ମାମଲା ୯ଲକ୍ଷ ୮୯ ହଜାର ୯୧୧ ଟଙ୍କାରେ ସମାଧାନ କରାଯାଇଥିଲା। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ତାଳଚେର, ଆଠମଲ୍ଲିକ, ପାଲଲହଡ଼ା, ଛେଣ୍ଡିପଦା ଓ ବଣ୍ଡାରପାଳରେ ଥିବା ଅଦାଲତ ଗୁଡ଼ିକ ଅଂଶ ଗ୍ରହଣ କରିଥିଲେ। ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ଥାୟୀ ଲୋକ ଅଦାଲତ (ଜନପୋଯୋଗୀ ସେବା) ଅଧ୍ୟକ୍ଷ ସରୋଜ କୁମାର ପତି, ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରା ଜଜ (ଭିଜିଲାନ୍ସ) ସୌମେନ୍ଦ୍ର କୁମାର ରାଜଗୁରୁ, ଜଜ୍ ଫ୍ୟାମିଲି କୋର୍ଟ ରଶ୍ମିତା ଦଳାଇ, ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ଜଜ୍ ସ୍ପେଶାଲ କୋର୍ଟ(ପୋକ୍ସୋ) ପ୍ରଭାକର ଗାଣ୍ଡିଆ, ଅତିରିକ୍ତ ଜିଲା ଓ ଦୌରାଜଜ୍ ଅଗସ୍ତି କୁମାର ସାହୁ, ଅତିରିକ୍ତ ଜିଲା ଓ ଦୌରା ଜଜ୍ (ଏଲ୍‌ଆର୍‌ଆଣ୍ଡଏଲ୍‌ଟିଭି) ସୌମ୍ୟକ ପାତ୍ର, ସିଜେଏମ୍ ସି.ଏଚ. ବାସୁଦେବ ପାତ୍ର, ରେଜିଷ୍ଟ୍ରାର ସିଭିଲ କୋର୍ଟ ଆଶିଷ କୁମାର ପଟ୍ଟନାୟକ, ବରିଷ୍ଠ ଦେୱାନୀ ବିଚାରପତି ଲୋପାମୁଦ୍ରା ମଲ୍ଲ, ବରିଷ୍ଠ ଦେୱାନୀ ବିଚାରପତି(ଏଲ୍‌ଆର୍‌ଏଲ୍‌ଟି) ସୁଶ୍ରୀ ସଙ୍ଗୀତା ପାତ୍ର, ଅନୁ ବିଭାଗୀୟ ଦଣ୍ଡାଧିକାରୀ ଅଶିଷ କୁମାର ପରିଜ୍ଞା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସୁହାନୀ ପଟ୍ଟନାୟକ ଓ ତାରିଣୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସରକାରୀ ଓକିଲ, ଅନୁଗୋଳ କୋର୍ଟର ଆଇନଜୀବୀ, ଆଇନସେବା ପ୍ରାଧିକରଣ କର୍ମଚାରୀମାନେ ସହଯୋଗ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ଏସ୍. ଶୁଭଲକ୍ଷ୍ମୀ ପରିଚାଳନା କରିଥିଲେ।



ଆଇନସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତରେ ମାମଲାଗୁଡ଼ିକର ବିଚାର କରାଯାଉଛି।

## କଟକଣା ଯାଞ୍ଚ କଡ଼ାକଡ଼ି

ଅନୁଗୋଳ ଅଫିସ, ୧୦।୪

ଅନୁଗୋଳ ସହରରେ ଶନିବାର କରୋନା କଟକଣା କଡ଼ାକଡ଼ି କରାଯାଇଥିଲା। ପୌରପାଳିକା ଓ ପୋଲିସ ପକ୍ଷରୁ ଯାଞ୍ଚକୁ ବ୍ୟାପକ



କରାଯାଇଥିଲା। ସହରରେ ଥିବା ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ ଜନଗହଳି ସ୍ଥାନରେ ଠିକ୍ ଭାବେ କଟକଣା ପାଳନ କରାଯାଉଛି କି ନାହିଁ ତାହାର ତଦାରଖ କରାଯାଇଥିଲା। ସେହିପରି ବିଭିନ୍ନ ଛକରେ ଅନୁଗୋଳ ପୋଲିସ ପକ୍ଷରୁ ମଧ ତନଖି କରାଯାଥିଲା। ସହରରେ ଥିବା ବସଷ୍ଟାଣ୍ଡ, ବଜାରଛକ, ଗାନ୍ଧୀମାର୍ଗରେ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଯାଞ୍ଚ କରିଥିଲେ। କଟକଣା ନ ମାନି ଅମାନିଆ ହୋଇଥିବା ୨୧ ଜଣଙ୍କ ନିକଟରୁ ୧୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି। ସେହିପରି ଅନୁଗୋଳ ପୋଲିସ ପକ୍ଷରୁ ମଧ ବିଭିନ୍ନ ସ୍ଥାନରେ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଉଥିବା ସୂଚନା ପ୍ରଦାନ କରାଯାଇଛି।

